ଦିଆଯାଇଥାଏ ଯଥା- ଦିବ୍ୟାଙ୍ଗ ପ୍ରତିନିଧି, ମହିଳା ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିନିଧି, ତଫସିଲଭୁକ୍ତ ଜାତି, ଉପଜାତି, ଯୁବକଯୁବତୀ, ବୟୋଜ୍ୟେଷ୍ଠ ମୁରବୀ ଓ ସ୍ଥାନୀୟ ଅଞ୍ଚଳରେ ବିପର୍ଯ୍ୟୟ କାର୍ଯ୍ୟକ୍ରମରେ ଜଡ଼ିତ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଙ୍କୁ ନେଇ ମୋଟ୍ ୨୫ ଜଣ ସଦସ/ସଦସ୍ୟା ରହିଥାନ୍ତି। ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟରେ ଗୋଷ୍ଠୀ ଦ୍ୱାରା ସମସ୍ୟା ଉପୁଜିଲେ ସଂପୃକ୍ତ ସମିତି ଏହାର ଆଶୁ ସମାଧାନ କରିବାରେ ସହାୟକ ହୋଇଥାନ୍ତି। ଏବଂ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ସଂପୃକ୍ତ ବିଭାଗ ଦ୍ୱାରା ଗୋଷ୍ଠୀ, ପରିଚାଳନା ସମିତିର ସଭ୍ୟ/ସଭ୍ୟାଙ୍କ ଉପସ୍ଥିତିରେ ଆଶ୍ରୟସ୍ଥଳୀର ଦୈନନ୍ଦିନ ବ୍ୟବହାର, ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ସମିତିକୁ ଚାବି ହସ୍ତାନ୍ତର କରାଯାଇଥାଏ। ଏହି ସମିତି ପ୍ରତ୍ୟେକ ମାସର ଅନ୍ତତଃ ଥରେ ନିୟମିତ ବୈଠକ କରି ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ଉପରେ ଆଲୋଚନା କରିବା ସହିତ ବିଭିନ୍ନ ନିଷ୍ପତ୍ତି ନେଇଥାନ୍ତି।



## ଦୈନନ୍ଦିନ ବ୍ୟବହାର ଗତ ନିୟମାବଳୀ

୧. ବିପର୍ଯ୍ୟୟ ପ୍ରପୀଡିତ ଜନସାଧାରଣଙ୍କୁ ଆବଶ୍ୟକ ସମୟରେ ଆଶ୍ରୟ ଦେବା ଏହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ପ୍ରଥମ ଓ ମୁଖ୍ୟ ଉଦ୍ଦେଶ୍ୟ।

୨. ଏହି ଆଶ୍ରୟସ୍ଥଳୀକୁ ଧର୍ମ, ଜାତି, ଲିଙ୍ଗ ଓ ଭାଷା ନିର୍ବିଶେଷରେ ସମସ୍ତ ଜନସାଧାରଣ ବ୍ୟବହାର କରିପାରିବେ। ମହିଳା, ଶିଶୁ, ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ସମସ୍ତେ ଯତ୍ନବାନ ହେବେ।

୩. ଏହାର ଦୈନ୍ୟନ୍ଦିନ ରକ୍ଷଣାବେକ୍ଷଣ ସ୍ଥାନୀୟ ଜନସାଧାରଣଙ୍କ ସାମୂହିକ ଦାୟିତ୍ୱ ହେବ। ଏଥିରେ ଆଶ୍ରୟସ୍ଥଳୀ ପରିଚାଳନା ପାଇଁ ଗଠିତ ସମିତି ସହାୟତା କରିବେ।

୪. ପରିଚାଳନା ସମିତିର ଅନୁମୋଦନ କ୍ରମେ ଏହାକୁ ସରକାରୀ, ସାମାଜିକ, ସାଂସ୍କୃତିକ ଓ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ। କିନ୍ତୁ ଆଶ୍ରୟସ୍ଥଳୀ ଓ ଏହାର ପରିସରକୁ ସ୍ଥାୟୀ ଭାବରେ ବ୍ୟବହାର କରିବାକୁ ଦିଆଯିବ ନାହିଁ।

୫. ବ୍ୟବହାର ଲବ୍ଧ ଧନ ଏକ ସ୍ୱତନ୍ତ୍ର ପାଣ୍ଠିରେ ରଖାଯାଇ ତାହା ଗୃହର ରକ୍ଷଣାବେକ୍ଷଣ, ମରାମତି ଏବଂ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମରେ ବ୍ୟବହୃତ ହେବ। ବିଭିନ୍ନ କାର୍ଯ୍ୟ ପାଇଁ ଦେୟର ହାର ପରିଚାଳନା ସମିତି ସ୍ଥିର କରିବେ।

୬. ଏହି ଗୃହରେ କୌଣସି ପ୍ରକାର ଅସାମାଜିକ, ଅନୈତିକ ଏବଂ ଅସ୍ୱାସ୍ଥ୍ୟକର କାର୍ଯ୍ୟ କିମ୍ବା ସମାଜରେ ବିଭେଦ ସୃଷ୍ଟି କରୁଥିବା ଭଳି କାର୍ଯ୍ୟ କରାଯିବ ନାହିଁ।

୭. ପରିଚାଳନା ବା ବ୍ୟବହାର ଜନିତ କୌଣସି ଦ୍ୱନ୍ଦ ଉପୁଜିଲେ ତାହା ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA)ଙ୍କ ଦୃଷ୍ଟିକୁ ଅଣାଯିବ।

୮. ଆଶ୍ରୟସ୍ଥଳୀ ଓ ତାହାର ପରିସରକୁ ସବୁବେଳେ ପରିଷ୍କାର ରଖାଯିବ। ଉପରୋକ୍ତ ନିୟମାବଳୀ ଓଏସ୍‌ଡିଏମ୍‌ଏ ଦ୍ୱାରା ପ୍ରଣୀତ। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ନିୟମାବଳୀ ଆଶ୍ରୟସ୍ଥଳୀ ଗୃହ କାନ୍ଥରେପ୍ରଦର୍ଶିତ କରାଯାଇଛି।

## ରେଜିଷ୍ଟ୍ରେସନ

ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମତିକୁ ସୁଦୃଢ଼ୀକରଣ ଓ ସଦାସର୍ବଦା କାର୍ଯ୍ୟକ୍ଷମ କରିବା ନିମନ୍ତେ ଓସ୍‌ଡିଏମ୍‌ଏ ଦ୍ୱାରା ସ୍ୱତନ୍ତ୍ର ଉପବିଧି (Byelaw) ପ୍ରଣୀତ କରାଯାଇଛି। ଉକ୍ତ ଉପବିଧିକୁ ସମିତି ଦ୍ୱାରା ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇ ୧୮୬୦ ଆକ୍ଟରେ ପଞ୍ଜିକରଣ କରିବାର ବିଧି ବ୍ୟବସ୍ଥା ରହିଛି। ପ୍ରତ୍ୟେକ ତିନି ବର୍ଷରେ ଥରେ ପରିଚାଳନା ସମିତିକୁ ପୁନର୍ଗଠନ କରିବାର ବ୍ୟବସ୍ଥା ରହିଛି।

## ସମିତି ନାମରେ ଯୁଗ୍ମ ପାସ୍ ବୁକ୍

ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ନିମନ୍ତେ ସରକାରଙ୍କ ଅନୁଦାନ, ଗୋଷ୍ଠୀସ୍ତରରେ ପାଣ୍ଠି ସଂଗ୍ରହ, ଆଶ୍ରୟସ୍ଥଳୀର ବ୍ୟବହାରଜନିତ ଆଦାୟକୁ ଗଚ୍ଛିତ ରଖିବା ନିମନ୍ତେ ସଂପୃକ୍ତ ସମିତି ନାମରେ ଏହି ସମିତିର ସଭାପତି ଓ ସରପଞ୍ଚ ଏବଂ ସଂପାଦକଙ୍କ ଯୁଗ୍ମ ସ୍ୱାକ୍ଷରରେ ସ୍ଥାନୀୟ ଜାତୀୟକରଣ ବ୍ୟାଙ୍କ ଶାଖାରେ ଏକ ସଂଚୟ ଜମାଖାତା ଖୋଲିବାର ବିଧି ବ୍ୟବସ୍ଥା ରହିଅଛି।

## ଆଶ୍ରୟସ୍ଥଳୀସ୍ତରରେ କାର୍ଯ୍ୟନିର୍ବାହୀ ଦଳ (ଟାସ୍କ ଫୋର୍ସ)

ବିପର୍ଯ୍ୟୟ ସମୟରେ ପ୍ରପିଡିତ ଜନସାଧାରଣଙ୍କୁ ସ୍ଥାନାନ୍ତର, ଉଦ୍ଧାର ଓ ଅନୁସନ୍ଧାନ ଓ ପ୍ରାଥମିକ ଚିକିତ୍ସା ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇଥିବାରୁ ଏହାର ସଠିକ୍ ମୁକାବିଲା କରିବା ନିମନ୍ତେ ଗୋଷ୍ଠୀ ପ୍ରତିନିଧି ମାନଙ୍କର ପ୍ରାଥମିକତା ରହିଥିବାରୁ, ଆଶ୍ରୟସ୍ଥଳ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିକୁ ସହଯୋଗ କରିବା ନିମନ୍ତେ ଆଶ୍ରୟସ୍ଥଳୀ ସ୍ତରରେ ୧୮ ବର୍ଷ ବୟସରୁ ୩୫ ବର୍ଷ ମଧ୍ୟରେ ୫୦ ଜଣ ସ୍ୱେଚ୍ଛାସେବୀ ମନୋବୃତ୍ତି ଥାଇ ଉତ୍ସାହୀ ଯୁବକଯୁବତୀମାନଙ୍କୁ ସଂପୃକ୍ତ ସମିତି ଦ୍ୱାରା ଚିହ୍ନଟ କରି ଏକ କାର୍ଯ୍ୟ ନିର୍ବାହୀ ଦଳ ଗଠନ କରାଯାଇ ସେମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ ସନ୍ଧାନ ଓ ଉଦ୍ଧାର ଏବଂ ଅନ୍ୟ ୨୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପଦ୍ଧତି ପାଇଁ ମନୋନୀତ କରାଯାଇ ତାଙ୍କର ଦକ୍ଷତା ବିକାଶ କରାଯାଇଛି। ଯାହାକି ଅତୀତରେ ଘଟିଯାଇଥିବା ଅନେକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍, ଏନ୍‌ଡିଆରଏଫ୍, ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ପ୍ରାଥମିକ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ହିସାବରେ ତାଙ୍କ କାର୍ଯ୍ୟ ତୁଲାଇ ସଫଳ ମୁକାବିଲା କରିଅଛନ୍ତି। ଆବଶ୍ୟକସ୍ଥଳେ ଅନୁପସ୍ଥିତ ସଭ୍ୟ/ ସଭ୍ୟା ବଦଳରେ ପରିଚାଳନା ସମିତିରେ ଆଲୋଚନା କରାଯାଇ ପୂର୍ଣ୍ଣାଙ୍ଗ (ଶୂନ୍ୟସ୍ଥାନ ପୂରଣ) କରାଯାଇ ତାଙ୍କ ଦକ୍ଷତା ବିକାଶ କରାଯାଇଥାଏ।

## ଆଶ୍ରୟସ୍ଥଳୀସ୍ତରରେ ମକ୍‌ଡ୍ରିଲ

ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ ଜୁନ୍ ୧୯ ତାରିଖରେ ସମସ୍ତ ଆଶ୍ରୟସ୍ଥଳୀ ସ୍ତରରେ ସଂପୃକ୍ତ ଗୋଷ୍ଠୀ, ଟାସ୍କଫୋର୍ସର ସ୍ୱେଚ୍ଛାସେବୀ ଓ ବିପର୍ଯ୍ୟୟ ମୁକାବିଲାରେ ସଂପୃକ୍ତ ଥିବା ସମସ୍ତ ଅଂଶୀଦାରମାନଙ୍କୁ ନେଇ ପ୍ରାକ୍ ଅଭ୍ୟାସ କରାଯାଇଥାଏ।

## ଆଶ୍ରୟସ୍ଥଳୀ ସ୍ତରୀୟ ଉପକରଣ




ବିପର୍ଯ୍ୟୟକୁ ମୁକାବିଲା, ପ୍ରସ୍ତୁତିକରଣ ଓ ସାମୟିକ ନକଲ ଅଭ୍ୟାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ଆଶ୍ରୟସ୍ଥଳୀକୁ ୩୨ ପ୍ରକାରର ଉପକରଣ ଯୋଗାଇ ଦିଆଯାଇଛି। ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା ଓ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ସ୍ତରରେ ବ୍ୟବହାରଜନିତ ଉପକରଣ ରଖାଯାଇ ଏହାକୁ ସବୁଦିନିଆ ବ୍ୟବହାର ଉପଯୋଗୀ କରାଯାଉଛି। ସଂପୃକ୍ତ ପରିଚାଳନା ସମିତି ଏହାର ଦାୟୀତ୍ୱରେ ରହିଥାନ୍ତି।

**ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡ଼ିଶା ସରକାର**
OSDMA
ରାଜୀବ ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ଫୋନ୍: ୦୬୭୪-୨୩୯୫୩୯୮, ୨୩୯୫୫୩୧, ଫ୍ୟାକ୍ସ: ୦୬୭୪-୨୩୯୧୮୭୧
ଇମେଲ୍ : osdma@osdma.org, ୱେବସାଇଟ୍ : www.osdma.org

ସହାୟତା : ଜାତୀୟ ବାତ୍ୟା ପ୍ରଶମନ ପ୍ରକଳ୍ପ (NCRMP)

ଓଡ଼ିଶା ସରକାର

# ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ଓ ପରିଚାଳନା












OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
(ଓଏସ୍‌ଡ଼ିଏମ୍‌ଏ)

## ଉପକ୍ରମ

*ଓଡ଼ିଶା ରାଜ୍ୟର ଭୌଗୋଳିକ ଅବସ୍ଥିତିକୁ ଲକ୍ଷ୍ୟ କଲେ, ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ପରିଗଣିତ ହୋଇଥାଏ । କାଳାଦିକ୍ରମେ ଆମ ରାଜ୍ୟ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଛୋଟ ଓ ବଡ ଧରଣର ପ୍ରାକୃତିକ ବିପର୍ଯ୍ୟୟ ଯଥା-ବାତ୍ୟା, ବନ୍ୟା, ସୁନାମୀ, ମରୁଡି, ଅଂଶୁଘାତ, ବଜ୍ରପାତ, କରକାପାତ, ଭୂସ୍ଖଳନ ଇତ୍ୟାଦିର ସମ୍ମୁଖୀନ ହୋଇଆସୁଅଛି । ଆଜି ସାରା ବିଶ୍ୱ ସମ୍ମୁଖରେ ଏକ ବଡ ଆହ୍ୱାନଭାବେ ଉଭା ହୋଇଥିବା ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ଓ ପ୍ରଭାବ ବୃଦ୍ଧି ପାଇବାର ଆଶଙ୍କା ରହିଅଛି । ଆମ ରାଜ୍ୟର ୪୮୦ କି.ମି. ଦୀର୍ଘ ବଙ୍ଗୋପସାଗର ଉପକୂଳବର୍ତ୍ତୀ ୬ଗୋଟି ଜିଲ୍ଲା ଯଥା- ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ବାତ୍ୟା, ବନ୍ୟା ଓ ସୁନାମୀ ସମୟରେ ବେଶୀ କ୍ଷତିଗ୍ରସ୍ତ ହୋଇଥାଏ । ସମୁଦ୍ର ନିକଟବର୍ତ୍ତୀ ତଳୁଆ ଅଞ୍ଚଳରେ ଝାଟିମାଟି ଚାଳଘରେ ରହୁଥିବା ଲୋକେ ବିପର୍ଯ୍ୟୟ ବେଳେ ନିରାପଦରେ ରହିପାରନ୍ତି ନାହିଁ । ଆଶ୍ରୟ ନେବା ପାଇଁ ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ଚାଲିଯାଆନ୍ତି । ବିଶେଷକରି ବୁଢାବୁଢୀ, ଛୋଟପିଲା, ଗର୍ଭବତୀ ମହିଳା, ପ୍ରସୂତି ମା', ଭିନ୍ନକ୍ଷମ ବ୍ୟକ୍ତି ଓ ଗରିବ ବ୍ୟକ୍ତିଙ୍କ ଧନଜୀବନ ବେଶୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ଗୋଷ୍ଠୀସ୍ତରରେ ବିପର୍ଯ୍ୟୟ ମୁକାବିଲା କରିବା ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ।*

୧୯୯୯ ମସିହା ମହାବାତ୍ୟାରେ ଆମ ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ୬ ଗୋଟି ଜିଲ୍ଲା ଓ ସଂଲଗ୍ନ ଅନ୍ୟ ୮ ଗୋଟି ଜିଲ୍ଲା ମୋଟ ୧୪ ଗୋଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିଲା । ତନ୍ମଧ୍ୟରୁ ୬ ଗୋଟି ଉପକୂଳ ଜିଲ୍ଲା ଯଥା- ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜଗତସିଂହପୁର ଜିଲ୍ଲାର ସମୁଦ୍ର ଉପକୂଳ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା, ଯାହାକି ୧୦ ହଜାର ଲୋକ ପ୍ରାଣ ହରାଇବା ସହ ଜୀବଜନ୍ତୁ କ୍ଷତିଗ୍ରସ୍ତ ହୋଇଥିଲେ ଏବଂ ଉଚ୍ଚ ଲୁଣାଜୁଆର ମାଡି ଆସିବାରୁ ଜମି ଓ ଭିତ୍ତିଭୂମି ନଷ୍ଟ ହୋଇଥିଲା । ରାଜ୍ୟ ସରକାର ଓ ଅନ୍ୟ ରାଜ୍ୟ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସେବାସଂସ୍ଥା, ଉଦ୍ୟୋଗ କ୍ଷେତ୍ର ଓ ମିଳିତ ଜାତିସଂଘ ପ୍ରଚେଷ୍ଟାରେ ବିପର୍ଯ୍ୟସ୍ତ ଅଞ୍ଚଳରେ ରିଲିଫ୍, ପୁନଃରୁଦ୍ଧାର, ପୁର୍ନଗଠନ, ଜୀବନଜୀବିକା ଓ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରାଯାଇ ପ୍ରଭାବିତ ଅଞ୍ଚଳକୁ ସ୍ୱାଭାବିକ ସ୍ତରକୁ ଅଣାଯାଇ ପାରିଥିଲା ।

### ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକତା

ଆମ ରାଜ୍ୟର ୪୮୦ କି.ମି. ସମୁଦ୍ର ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ବାତ୍ୟା, ବନ୍ୟା, ସୁନାମୀ, ଉଚ୍ଚ ଲୁଣା ଜୁଆର ଆଦି ବିପର୍ଯ୍ୟୟ ସମୟରେ ନିଜର ଧନ ଜୀବନ ଅସୁରକ୍ଷିତ ମନେକରୁଥାନ୍ତି । ସାଧାରଣତଃ ଏହା ଦ୍ୱାରା ଉପକୂଳ ଅଞ୍ଚଳ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥାଏ । ମହାବାତ୍ୟା ପରେ ସମ୍ଭାବ୍ୟ ବିପର୍ଯ୍ୟୟକୁ ସଠିକ୍ ମୁକାବିଲା କରିବା ପାଇଁ ବିପର୍ଯ୍ୟୟ ଅଞ୍ଚଳରେ ଗୋଷ୍ଠୀସ୍ତରରେ ଜନସଚେତନତା ସୃଷ୍ଟି କରିବା, ସବୁ ସ୍ତରରେ ଦକ୍ଷତା ବିକାଶ କରିବା ଓ କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନଃନିର୍ମାଣ ଓ ଥଇଥାନ ଏବଂ ଆବଶ୍ୟକତା ଭିତ୍ତିଭୂମି ନିର୍ମାଣ କରିବା ତଥା ରାଜ୍ୟର ବିପର୍ଯ୍ୟସ୍ତ ଅଞ୍ଚଳରେ ଆବଶ୍ୟକ ପଦକ୍ଷେପ ନେଇ ଲୋକଙ୍କର ଧନଜୀବନକୁ ସୁରକ୍ଷିତ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଏକ ଦୃଢ଼ ପଦକ୍ଷେପ ନିଆଯାଇ ଭାରତବର୍ଷରେ ପ୍ରଥମ କରି ସ୍ୱତନ୍ତ୍ର ଭାବେ ବିପର୍ଯ୍ୟକୁ ମୁକାବିଲା କରିବା ପାଇଁ **"ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ"** ଗଠନ କରାଯାଇ ବିଭିନ୍ନ ଆପଦ ହ୍ରାସକାରୀ ଯୋଜନା କାର୍ଯ୍ୟକାରୀ କରାଗଲା ।



ତନ୍ମଧ୍ୟରୁ ଉପଭୂଳ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିପର୍ଯ୍ୟୟ ସମୟରେ ନିରାପଦ ଆଶ୍ରୟ ଦେବା ନିମନ୍ତେ ସ୍ଥାନ ନିରୂପଣ କରିବା ପାଇଁ ଆଇ.ଆଇ.ଟି. ଖଡ଼ଗ୍‌ପୁରଙ୍କ ଦ୍ୱାରା ଉଚ୍ଚ ଲୁଣା ଜୁଆର, ପ୍ରଭାବିତ ଜନବସତି ଓ ଅତୀତରେ ଘଟିଯାଇଥିବା ମହାବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ମାତ୍ରା ତଥା ଅନ୍ୟାନ୍ୟ ଦିଗକୁ ଭିତ୍ତି କରି ଉପକୂଳ ଠାରୁ ୧୦ କି.ମି. ପରିଧି ମଧ୍ୟରେ ଥିବା ଅଞ୍ଚଳକୁ ଅତି ସମ୍ବେଦନଶୀଳ ଅଞ୍ଚଳ ଭାବେ ବିବେଚନା କରାଯାଇ ସେହି ଗୋଷ୍ଠୀର ଜନସାଧାରଣଙ୍କ ସମୂହ ଜୀବନକୁ ସୁରକ୍ଷା ଦେବା ପାଇଁ ପ୍ରାଥମିକତା ଭିତ୍ତିରେ ସ୍ଥାନ ନିରୂପଣ କରାଗଲା । କୌଣସି ପ୍ରାକୃତିକ ବାଧାବିଘ୍ନ ନଥିବା (ନଦୀ, ନାଳ, ଜୋର ଇତ୍ୟାଦି) ଗ୍ରାମ ଗୁଡ଼ିକର ଅବସ୍ଥିତିକୁ ଧ୍ୟାନ ଦିଆଯାଇ ୨.୫ କି.ମି. ମଧ୍ୟରେ ଥିବା ଗ୍ରାମ ଓ ସଂଲଗ୍ନ ଗ୍ରାମଗୁଡ଼ିକର ଜନସଂଖ୍ୟା,ପକ୍କାଘର ଓ ଅନ୍ୟାନ୍ୟ ଦିଗକୁ ଆଧାର କରି ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ କରାଯାଇଛି । ଏବଂ ଏହି ସୁପରିଶ ଅନୁଯାୟୀ ନିରୂପିତ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି । ସେହିପରି ରାଜ୍ୟର ବନ୍ୟାପ୍ରବଣ ଅଞ୍ଚଳରେ ଆବଶ୍ୟକତାକୁ ଭିତ୍ତି କରି ପର୍ଯ୍ୟାୟକ୍ରମେ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉଛି ।

### ପ୍ରସ୍ତାବିତ ଆଶ୍ରୟସ୍ଥଳୀ ନିର୍ମାଣ ଗ୍ରାମରେ ଗୋଷ୍ଠୀସ୍ତରରେ ଆଶ୍ରୟସ୍ଥଳୀ ସମ୍ବନ୍ଧୀୟ ବିଚାରବିମର୍ଷ (ସୋସିଆଲ ମୋବିଲାଇଜେସନ)

ଭୌଗୋଳିକ ଅବସ୍ଥିତିକୁ ଅନୁଧ୍ୟାନ କରି ସମୁଦ୍ର ଉପକୂଳଠାରୁ ୧୦କି.ମି. ପରିଧି ମଧ୍ୟରେ ଥିବା ବିପଦ ସଙ୍କୁଳିତ ଗ୍ରାମର ଜନସାଧାରଣ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଧିକ ଥିବାରୁ ସେହି ଗ୍ରାମରେ ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତାବ ରହିଥିବାରୁ ସଂପୃକ୍ତ ଗୋଷ୍ଠୀର ସମସ୍ତ ଜନସାଧାରଣଙ୍କୁ ସଚେତନ କରାଇବା, ବିପର୍ଯ୍ୟୟ ସମୟରେ ମୁକାବିଲା କରିବା, ଜୀବନକୁ ସୁରକ୍ଷିତ ରଖିବା ନିମନ୍ତେ ପ୍ରସ୍ତାବିତ ଗ୍ରାମରେ ଆଶ୍ରୟସ୍ଥଳୀ ନିର୍ମାଣ କରାଗଲେ ପ୍ରଭାବିତ ଜନସାଧାରଣ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀରେ ନିରାପଦ ଆଶ୍ରୟ ନେଇପାରିବେ ଓ ଗୋଷ୍ଠୀସ୍ତରରେ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କମ୍ୟୁନିଟି ମୋବିଲାଇଜରଙ୍କ ଦ୍ୱାରା ସଂପୃକ୍ତ ସରପଞ୍ଚ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମର ଅବସ୍ଥିତିକୁ ଦୃଷ୍ଟିରେ ରଖି ସାହି, ପଡା ଓ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆଶ୍ରୟସ୍ଥଳୀ ନିର୍ମାଣର ଆବଶ୍ୟକତା, ରକ୍ଷଣାବେକ୍ଷଣ ଓ ପରିଚାଳନା ଜନିତ ବିଚାର ବିମର୍ଷ କରାଯାଇଥାଏ । ଏହି ବିଚାରବିମର୍ଷ ହେବା ଦ୍ୱାରା ଗୋଷ୍ଠୀର ଆବଶ୍ୟକତା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ଜନିତ ତଥ୍ୟ ସଂଗ୍ରହ କରାଯାଇଥାଏ ଏବଂ ସମୂହ ଜନସାଧାରଣଙ୍କୁ ଆଶ୍ରୟସ୍ଥଳୀର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ସଚେତନ କରାଯାଇଥାଏ ।



### ଆଶ୍ରୟସ୍ଥଳୀର ଲକ୍ଷ୍ୟ ଓ ଆଭିମୁଖ୍ୟ

ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ନିରାପଦ ଆଶ୍ରୟ ଦେବା ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀର ମୁଖ୍ୟ ଲକ୍ଷ୍ୟ । ଆଶ୍ରୟସ୍ଥଳୀକୁ ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ଅବଗତ କରାଯାଇଥାଏ । ଅନ୍ୟ ସାଧାରଣ ଦିନମାନଙ୍କରେ ଆଶ୍ରୟସ୍ଥଳୀକୁ ବନ୍ଦ ନ ରଖାଯାଇ ଏହାର ଦୈନନ୍ଦିନ ବ୍ୟବହାର ସକାଶେ କେତେକ ପଦକ୍ଷେପ ନିଆଯାଇଛି । ଆଶ୍ରୟସ୍ଥଳୀକୁ ସଦାସର୍ବଦା ବ୍ୟବହାର ଉପଯୋଗୀ ରଖିବା ନିମନ୍ତେ ଗ୍ରାମର ବିଭିନ୍ନ ପ୍ରକାର ସାମାଜିକ, ସାଂସ୍କୃତିକ ଓ ବିଭେଦ ସୃଷ୍ଟି କରୁନଥିବା କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଥାଏ । ଗୋଷ୍ଠୀସ୍ତରରେ ଆଲୋଚନା କରାଯାଇ ଆଶ୍ରୟସ୍ଥଳୀକୁ ସଦାସର୍ବଦା ବ୍ୟବହାର ଉପଯୋଗୀ କରିବା ପାଇଁ ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଏ । ଯଥା-ପ୍ରଥମତଃ ସ୍କୁଲର ଶ୍ରେଣୀଗୃହ, ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ ଶିବିର, ସ୍ୱୟଂ ସହାୟକ ଗୋଷ୍ଠୀ ସଭା, ଟୀକାଦାନ କେନ୍ଦ୍ର  ଇତ୍ୟାଦି କରାଯାଇ ବ୍ୟବହାର ଉପଯୋଗୀ ରଖିବା ପାଇଁ ସିଦ୍ଧାନ୍ତ ନିଆଯାଇଥାଏ ।

### ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

ଆମ ରାଜ୍ୟର ବଙ୍ଗୋପସାଗର ସଂଲଗ୍ନ ଉପକୂଳବର୍ତ୍ତୀ ୬ଗୋଟି ଜିଲ୍ଲା ଯଥା-ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଗଞ୍ଜାମ ଓ ଚିଲିକା ସଂଲଗ୍ନ ଅଞ୍ଚଳ ଠାରୁ ୧୦ କି.ମି. ଦୂରତା ମଧ୍ୟରେ ୫୦୩ ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ବନ୍ୟା ପ୍ରବଣ ଅଞ୍ଚଳରେ ୩୧୧ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି । ଏତଦ୍‌ବ୍ୟତୀତ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ଶାଖା ଦ୍ୱାରା ୬୫ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି । ସର୍ବମୋଟ  ବର୍ତ୍ତମାନ ରାଜ୍ୟର ୨୫ ଗୋଟି ଜିଲ୍ଲାରେ ୮୭୯ଗୋଟି ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି । ଆର୍ଥିକ ସମ୍ବଳ ଓ ଆବଶ୍ୟକତାକୁ ଭିତ୍ତିକରି ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥାଏ । ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀଗୁଡ଼ିକ ବୈଜ୍ଞାନିକ ପଦ୍ଧତିରେ କରାଯାଇଛି । ଯେତେ ପ୍ରବଳ ତୋଫାନ ହେଉ ବା ଉଚ୍ଚ ଜୁଆର ଢେଉ ଦ୍ୱାରା ଏହାର କୌଣସି କ୍ଷତି କରିପାରିବ ନାହିଁ । ସମସ୍ତ ଦିଗକୁ ଓ ନିର୍ମାଣ ସ୍ଥାନକୁ ଭିତ୍ତି କରି ରୂପାଙ୍କନ (Design) ଓ ଡ୍ରଇଂ କାର୍ଯ୍ୟକାରୀ କରାଯାଇଥାଏ ।

### ଆଶ୍ରୟସ୍ଥଳୀରେ ଉପଲବ୍ଧ ଥିବା ସୁବିଧା

ଆଶ୍ରୟସ୍ଥଳୀରେ ମହିଳା, ପୁରୁଷ, ଦିବ୍ୟାଙ୍ଗ ବ୍ୟକ୍ତି ଓ ଶଯ୍ୟାଶାୟୀ ରୋଗୀମାନଙ୍କ ପାଇଁ ଅଲଗା ଅଲଗା ସ୍ୱତନ୍ତ୍ର କକ୍ଷ ଓ ପାଇଖାନା ରହିଛି । ଆଶ୍ରୟସ୍ତଳୀକୁ ଯାତାୟତ ପାଇଁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ର୍ୟାମ୍ପ ବ୍ୟବସ୍ଥା ରହିବା ସହିତ ଜନସାଧାରଣଙ୍କ ପାଇଁ ସିଡ଼ି (ପାହାଚ) ରହିଛି । ନିରାପଦ ପାନୀୟ ଜଳ, ଆଲୋକ, ପଙ୍ଖା, ଜେନେରେଟରର ସୁବିଧା ଏବଂ ବିପର୍ଯ୍ୟୟ ସମୟରେ ବ୍ୟବହାର କରିବା ନିମନ୍ତେ ବିଭିନ୍ନ ପ୍ରକାର ସରଞ୍ଜାମ ଉପଲବ୍ଧ ଅଛି । ଆଶ୍ରୟସ୍ଥଳୀର ତଳମହଲାଟି ଖୋଲା ରହିଅଛି, ଯାହାକି ବନ୍ୟା ସମୟରେ ବନ୍ୟାଜଳ ସହଜରେ ନିଷ୍କାସିତ ହେବା ସହିତ ଆବଶ୍ୟକ ପରିସ୍ଥିତିରେ ଗ୍ରାମର ଗୃହପାଳିତ ପଶୁମାନଙ୍କୁ ନିରାପଦରେ ରଖାଯାଇପାରିବ । ଏହି ଆଶ୍ରୟସ୍ଥଳୀଗୁଡିକ ସାଧାରଣତଃ ସ୍କୁଲ ଓ କଲେଜ ପ୍ରାଙ୍ଗଣରେ ନିର୍ମାଣ କରାଯାଇଛି । ଯାହାଦ୍ୱାରା ସାଧାରଣ ସମୟରେ ସ୍କୁଲର ଶ୍ରେଣୀଗୃହ ଭାବରେ ବ୍ୟବହାର କରାଯାଇଥାଏ ଏବଂ ଯେଉଁ ଗ୍ରାମର ସ୍କୁଲ ପରିସରରେ ସ୍ଥାନାଭାବ ରହିଛି ସେଠାରେ ଗ୍ରାମବାସୀଙ୍କ ସମ୍ମତିକ୍ରମେ ଉପଯୁକ୍ତ ସ୍ଥାନରେ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି ।

### ଗୋଷ୍ଠୀସ୍ତରରେ ଆଶ୍ରୟସ୍ଥଳୀ ପରିଚାଳନା

ବିପର୍ଯ୍ୟୟ ସମୟରେ ସଂପୃକ୍ତ ଗୋଷ୍ଠୀର ଜନସାଧାରଣଙ୍କୁ ନିରାପଦ ଆଶ୍ରୟ ଦେବା ନିମନ୍ତେ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀର ମୁଖ୍ୟ ଲକ୍ଷ୍ୟ । ଏହାର ଦୈନନ୍ଦିନ ବ୍ୟବହାର ପରିଚାଳନା ଓ ରକ୍ଷଣାବେକ୍ଷଣ କରିବା ସାଧାରଣତଃ ଗୋଷ୍ଠୀର ଦାୟିତ୍ୱ ରହିଥିବାରୁ ଗୋଷ୍ଠୀସ୍ତରରେ ଆଶ୍ରୟସ୍ଥଳୀ ନିର୍ମାଣ ହେଉଥିବା ଗ୍ରାମର ଓ ସଂଯୋଗ ଗ୍ରାମର ପ୍ରତିନିଧି, ସ୍ଥାନୀୟ ସରକାରୀ ପ୍ରତିନିଧି ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଗୋଷ୍ଠୀସ୍ତରୀୟ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ଗଠନ କରାଯାଇ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଓ ଉକ୍ତ ସମିତିର ସଭାପତି ଦାୟିତ୍ୱ ରହିଥିବା ବେଳେ ମୂଳ ଗ୍ରାମର ଦକ୍ଷତା ଓ ସୁରପରିଚାଳନା ଅଭିଜ୍ଞତା ଥିବା ଜଣେ ଗ୍ରାମ ପ୍ରତିନିଧିଙ୍କୁ ସର୍ବସମ୍ମତି କ୍ରମେ ସଂପାଦକ ଭାବେ ମନୋନୀତ ହୋଇଥାନ୍ତି । ଉକ୍ତ ପରିଚାଳନା ସମିତିରେ ସବୁ ବର୍ଗକୁ ପ୍ରାଧାନ୍ୟ

